# ଜୟଗୁରୁ

## ନୀଳାଚଳ ସାରସ୍ୱତ ସଂଘ, ପୁରୀ

## ଶାଖା – ଆମେରିକା ସାରସ୍ୱତ ସଂଘ

ରାସ ପୂର୍ଣ୍ଣିମା ବିଶେଷ ଅଧିବେଶନର କାର୍ଯ୍ୟସୂଚୀ

ତାରିଖ – ୧୧-୧୭-୧୩ ସମୟ – ୭:୦୦-୧୧:୩୫ (ET)/୧୨:୦୦-୧୬:୩୫ (GMT)/୧୭:୩୦-୨୨:୦୫ (IST) ପାଳିଆ – ପ୍ରଭାକର ଭାଇ

***Phone Number - (605) 475-6700, Access Code: 5119579#, Backup Number - (218) 936-1200, Access Code: 52924878***

| | | |
|---|---|---|
| **11-16-13 (ET)** | **ଅଧିବାସ (ସଂଧ୍ୟା ୭:୦୦ ରୁ ୮:୦୦)** | **Adhibaasa (07:00 PM – 8:00 PM)** |
| 19:00 – 20:00 | ସ୍ତୋତ୍ର ବନ୍ଦନା, ପୁସ୍ତକ ପାଠ, ବିଦାୟ ପ୍ରାର୍ଥନା, ଜୟଗୁରୁ ନାମ କୀର୍ତ୍ତନ, ପ୍ରଣାମ ଓ ଆସନ ବନ୍ଦ | Stotra Bandanaa, Book Reading, Bidaaya Praarthanaa, Jayaguru Naama Kirtana, PraNaama and Closing of Aasana |
| **11-17-13 (ET)** | **ପ୍ରଥମ ଅଧିବେଶନ (ସକାଳ ୭:୦୦ ରୁ ୮:୩୮)** | **First session (07:00 AM – 8:38 AM)** |
| 7:00 – 7:30 | ଜାଗରଣ (ଭାବ ରାଇଜର ଭାବର ଠାକୁର) ସ୍ମିତା ବାଇ ମା' | JaagaraNa (Bhaba Raaijara) Smita Bai Maa |
| | ଆବାହନ (ସରାଗେ ଆଜି ସଜାଅ ଶେଯ) ଜ୍ଞାନ ଭାଇ | Aabaahana (Sarage Aaji Sajaaa SheJa) Gyan Bhai |
| | ଆବାହନ (କୁଞ୍ଜବନେ ରାଧାରାଣୀ) ବୃନ୍ଦାବନ ଭାଇ | Aabaahana (Kunjabane RaadhaaraaNee) Brundaban Bhai |
| 7:30 – 7:45 | ଆରତି ବିଜୟ ଭାଇ | Aarati Bijoy Bhai |
| 7:45 – 8:00 | ବନ୍ଦନା (ବନ୍ଦେ ଶ୍ରୀଗୁରୁ) ବୃନ୍ଦାବନ ଭାଇ | Bandanaa (Bande Shreeguru) Brundaban Bhai |
| 8:00 – 8:10 | ସ୍ତୋତ୍ର ବନ୍ଦନା ଜ୍ଞାନ ଭାଇ | Stotra Bandanaa Gyan Bhai |
| 8:10 – 8:20 | ପରିଚୟ ପତ୍ର, ସମ୍ମିଳନୀ ପ୍ରାର୍ଥନା ଓ ଆସନ ମନ୍ଦିରରେ ନିତ୍ୟପୂଜାର ସୁବ୍ୟବସ୍ଥା ପାଇଁ ପ୍ରାର୍ଥନା ବିଜୟ ଭାଇ | Parichaya Patra, Sammilani & Aasana Mandira Nityapuja Prarthanaa Bijoy Bhai |
| 8:20 – 8:30 | ନିରାଜନା ୪୬ ପ୍ରଭାକର ଭାଇ | Niraajanaa 46 Prabhakar Bhai |
| 8:30 – 8:31 | ଶ୍ରୀ ଶ୍ରୀ ଗୁରୁଗୀତା (ଶ୍ଳୋକ ୯୫) ବିଶ୍ୱଜିତ୍ ଭାଇ | Shri Shri GuruGeeta (Verse 95) Biswajit Bhai |
| 8:31 – 8:35 | ଉପଦେଶ (ନବ ବର୍ଷରେ) ବିଶ୍ୱରଞ୍ଜନ ଭାଇ | Upadesha (Naba BarSare) Biswaranjan Bhai |
| 8:35 – 8:36 | ପରପୂଜା ନିମନ୍ତ୍ରଣ ପ୍ରଭାକର ଭାଇ | Invitation for the next session Prabhakar Bhai |
| 8:36 – 8:38 | ଜୟଗୁରୁ ନାମ କୀର୍ତ୍ତନ, ପ୍ରଣାମ ଓ ଆସନ ବନ୍ଦ | Jayaguru Naama Kirtana, PraNaama and Closing of Aasana |
| **11-17-13 (ET)** | **ଦ୍ୱିତୀୟ ଅଧିବେଶନ (ସକାଳ ୯:୧୫ ରୁ ୧୧:୩୫)** | **Second session (9:15 AM-11:35 AM)** |
| 9:15 – 9:30 | ଆବାହନ (ମୁରଲୀ ବାଜୁଛି) ଶିବାନୀ ମ· ମା' | Aabaahana (Mooralee Baajuchhi) Sibani M. Maa |
| | ଆବାହନ (କର ଗୋ କୁଞ୍ଜ ମଣ୍ଡନ) ରଶ୍ମି ଚୌ· ମା' | Aabaahana (Karago Kunja ManDana) Rashmi C. Maa |
| 9:30 – 9:32 | ପ୍ରଣାମ ଗାନ ପରେ ପରଦା ଉନ୍ମୋଚନ | Pranaama Gaana and Opening of the Curtain |
| 9:32 – 9:40 | ବନ୍ଦନା (ଚାହାଁରେ ବାରେ ଚାହାଁରେ) ବୃନ୍ଦାବନ ଭାଇ | Bandanaa (Chaahaanre Baare Chaahaanre) Brundaban Bhai |
| 9:40 – 10:10 | ତତ୍ତ୍ୱମାଳା (ରାସ ଯାତ୍ରା – ବଙ୍ଗଳା) ବ୍ରଜ ଭାଇ | Tatwa MaaLaa (Raaso Jatra - Bengali) Braja Bhai |
| 10:10 –10:17 | ସଂଗୀତ (ବଇଁଶୀ ତୁମର ପ୍ରଭୁ) ଲୀନା ମା' | Song (Bainshee Tumara Prabhu) Leena Maa |
| 10:17 – 10:30 | ଭାଗବତ (୧୦ ସ୍କନ୍ଧ, ୩୪ ଅଧ୍ୟାୟ) ବିଭୂତି ଭାଇ | Bhaagabata (Vol. 10, Chapter 34) Bibhuti Bhai |
| 10:30 – 10:37 | ସଂଗୀତ (ମଧୁର ମଧୁର ବଂଶୀ ବାଜେ) ଜ୍ଞାନ ଭାଇ | Song (Madhura Madhura Banshee Baaje) Gyan Bhai |
| 10:37 – 10:42 | ରାସ ଲୀଳା – YA Reading ସ୍ୱାତୀ | Raasa LeeLaa – YA Reading Swati |
| 10:42 – 10:50 | ସଂଗୀତ (ସେ ନାମେ କି ଯାଦୁ) | Song (Se Naame Ki Jaadu) Shreya |
| 10:50 –11:18 | ଭାବ ବିନିମୟ ସ୍ୱାତୀ ଓ ପ୍ରଭାକର ଭାଇ | Bhaaba Binimaya Swati & Prabhakar Bhai |
| 11:18 –11:19 | ବିଜୟ ଭାଇ | Invitation for next Raasa Puja Bijoy Bhai |
| 11:19 –11:20 | Y.A. session ପୂଜା ପାଇଁ ନିମନ୍ତ୍ରଣ ଉଦୟନ୍ | Invitation for next YA session Udayan |
| 11:20 –11:22 | ଆସନ୍ତା ସଂଘପୂଜା ପାଇଁ ନିମନ୍ତ୍ରଣ (୧୧-୨୪-୧୩) ସାନୁଜିତ୍ ଭାଇ | Invitation for next puja (11-24-13) Sanujit Bhai |
| 11:22 –11:24 | ତ୍ରୁଟି ବିଚ୍ୟୁତି ପାଇଁ କ୍ଷମା ପ୍ରାର୍ଥନା ସ୍ୱାତୀ ଓ ପ୍ରଭାକର ଭାଇ | Begging for forgiveness Swati & Prabhakar Bhai |
| 11:24 –11:30 | ବିଦାୟ ପ୍ରାର୍ଥନା (ବିଦାୟ ବେଳାରେ) ସ୍ମିତା ବାଇ ମା' | Last Song (Bidaaya BeLaare) Smita Bai Maa |
| 11:30 –11:32 | ଜୟଗୁରୁ ନାମ କୀର୍ତ୍ତନ ଓ ଆସନ ବନ୍ଦ | Jayaguru Naama Kirtana and Closing of Aasana |
| 11:32 –11:35 | ସଂଘସେବୀଙ୍କର ଉପସ୍ଥାନ ଜ୍ଞାନ ଭାଇ | Attendance Gyan Bhai |

Jayaguru

# Raasa Leela

Lord Krishna descended upon the earth as the Absolute Transcendental Divinity that is omnipresent, omniscient and omnipotent. Rishi Vyaasa describes him as "Krishnastyu Bhagaban Swayam" – Krishna is Brahman himself. Purpose of his arrival as Krishna was three fold: Protection of good, destruction of evil and establishment of righteousness. Though Lord Krishna was Brahman himself, he expressed the full qualities of Brahman only three times throughout the 111 years of his human life as Krishna. Those three times were: 1-Raasa Leela, 2-Telling Bhagbat Gita to Arjuna, 3-Pravasha Yajna. Raasa Leela occurred when he was only 10 or 11 years old. It describes the fervent devotion of the milk-maids (Gopis or Gopikas) of Brundaban to Krishna, and particularly of Radha, the most prominent of them all. It is known to be the ultimate example of madhura-bhakti (Devotion through Love) for all time.

The Gopis of Brundaban under went a month long Katyayani Brata to get Krishna's love. It is a very complicated Brata where they needed to bath in river Yamuna at day break and make an image of goddess Parvati to worship her. On the last day of the Brata, the Gopis were bathing in the river when Krishna showed up and stole all their clothes. When they asked for their cloths back, he chastised them that they should not bathe in the river naked and told them that this was their punishment. Finally when he returned their clothes, he promised them that their wishes will be fulfilled soon.

Finally, the night of fulfillment of their desire for Krishna's love arrived. It was a full moon night of the month Kartik. He played a melodious tune with his flute in the adjacent jungles of Brundabana. The sound of the flute carried to each and everyone in the village distracting them from their day to day activities. Every living and non-living beings around that area became enchanted with the divine music. The Gopis were captivated by the music. It felt like the tune was coming from all sides and calling them by their names. Some were holding their kids on their laps, serving food to their husbands, milking cows or churning for butter. They dropped what they were doing instantaneously and ran toward Krishna. Their in-laws, husbands, brothers tried to stop them with no avail. The body, mind and soul of the Gopis were surrendered to Krishna. No barrier can prevent them from meeting Him. However, one of the Gopis could not manage to get out of her house, unable to muscle her way, since she was weak. Her husband dragged her to the house and locked her up in a room. She cried a lot to a point of losing her consciousness. While she was losing her senses she saw Krishna in a meditative state. She surrendered to Krishna then and there for his pure devotional love. Her soul left her body to unite with the Lord.

As all the Gopis gathered around Krishna in the jungle, he asked them their reasons to be in the jungle at night. He reminded them that their first order of duty was to serve their family. He also told them that he knows the Gopis have a special liking for him. Now that they have seen him, they should go back to their houses.

Krishna's words shocked the Gopis. They fell at his feet and pleaded, "O lord, why are you saying like that. Are you not Brahman, the infinite, not the son of Yasoda? We left the mundane material world for you. We left our husbands, sons and rest of the family as we surrendered completely to you. You said that we should serve our husbands as our lords, but you are the lord of the universe. Would it not be better to serve you? Also, please remember your promises to us from Katyayani Brata. We were fine with our household duties. You played your flute and attracted us to come here. We have left everything behind and surrendered to you completely. Now it is your decision to keep us or kill us. "

Krishna was happy listening to their arguments. He raised his arms and invited them in. The Gopis' joy knew no bounds. They surrounded to Krishna and started feeling the pure devotional love for Krishna. As their happiness grew at the presence of Krishna, they started feeling as if they were the greatest women in the world. The Lord became aware of their pride and arrogance immediately and vanished taking one Gopi with him.

The Gopis were dumbfounded. They began searching for him while wailing. The separation from Krishna was unbearable for them. Only thought in their mind was Krishna. The single-mindedness to the Lord, their passion for him and the separation from him made them behave like they are mad. Some started embracing a tree thinking that it is Krishna. Some narrated his miraculous deeds. As they roamed in the jungle, they spotted his footsteps and started following to see one more pair of footsteps. They realized that one of their fellow-Gopi was enjoying undivided attention of the Lord. Their jealousy knew no bounds.

The single Gopi who was with Krishna also felt the same pride as the other Gopis did. She thought she must be much more fortunate than the rest of the Gopis because Krishna decided to be only with her. Krishna, the Brahman, pervades each and every Jeeva's heart and mind. He was aware of her thoughts. Every thought filled with pride and arrogance follows an action befitting that. In stead of walking alongside the lord of the Universe, she felt tired and asked if Krishna could carry her on his shoulder. To her delight he complied. After walking few steps while carrying the Gopi on his shoulders, he vanished crushing her pride into dust. She fell on the ground with a lot of pains. As she lay on the ground, her fellow-Gopis caught up. Together, they continued their search.

As time passed the Gopies got more desperate, their heart and soul were totally absorbed in thoughts of Krishna. All pride and arrogance completely vanished. All they wanted was his company. They felt as if their souls have left their bodies. The lord's heart melted at their miserable state. He appeared to the delight of all Gopis. Their souls reentered their bodies. They became lively. As the Raasa Leela started, all Gopis surrounded Krishna. As they laughed, played together encircling him with their arms tied to other arms, they found Krishna in between the Gopis. Each Gopis felt the presence of him next to her, touching her shoulder, dancing with her. The almighty performed his Leela by replicating him for each of the Gopis. Krishna, the greatest among all great yogis, engulfed all Gopis with his power of Yogamaya – the divine power that unites all Jeevas with Brahman. Now their body, mind and soul are not their own. Krishna has occupied it with full force. They moved as Krishna wished, they thought as Krishna wanted them to think. They all immensely enjoyed the eternal bliss in the divine play other wise known as Raasa Leela.

## ଭାବ ରାଇଜର ଭାବର ଠାକୁର

ଭାବ ରାଇଜର ଭାବର ଠାକୁର କୁଞ୍ଜେ ମୋ ଆସିବ ବୋଲି
ମନ ମନ୍ଦିରର ଦୁଆର ଫିଟାଇ ବସିଛି ଜାଗର ଜାଳି ।୦।
ଆସି ଯେବେ ଉଭା ହେବ ମନ୍ଦିରରେ
ପାଦ ପଖାଳିବି ଆଖିର ଲୁହରେ
ପଦୁଅଁ ପାଦକୁ ହୃଦରେ ଧରିବି ମନରେ ଶରଧା କରି ।୧।

ହୃଦ ସିଂହାସନେ ବସାଇଣ ଦେବି
ନବ ବସନରେ ଶ୍ରୀଅଙ୍ଗ ମଣ୍ଡିବି
କାମନା ବାସନା ପଦେ ସମର୍ପିବି, ମନର ଦିପାଳୀ ଜାଳି ।୨।

ମମତା ଚନ୍ଦନେ ଲଗାଇବି ଟୀକା
ଜନମ ଜନମ ସାଥୀ ତୁମେ ଏକା
ମନ ଫୁଲ ହାର ଚରଣେ ଅର୍ପିବି, ଅହମିକା ଚୁର୍ଣ୍ଣ କରି ।୩।

ପୂଜା ନଇବେଦ୍ୟ କି ଅବା ମୁଁ ଦେବି
କେଉଁ ଆଲୋକରେ ଆରତି କରିବି
ଦେଖିବି ମୂରତି ନୟନ ପୂରାଇ ଜୟଗୁରୁ ଜୟ କରି ।୪।

## କୁଞ୍ଜବନେ ରାଧାରାଣୀ

କୁଞ୍ଜବନେ ରାଧାରାଣୀ ଝୁରି ଝୁରି କାନ୍ଦିଲାଣି
ଆହେ ଶ୍ୟାମ ନଟବର ପ୍ରୀତି ଫୁଲ ଝରିଲାଣି ।୦।

ଭୂମିପରେ ଅଙ୍ଗବାସ ମୁକୁଳା ହୋଇଲା କେଶ
ଆଖି ଲୁହେ ଭିଜାଉଛି ଗଣ୍ଡଦେଶ ବିନୋଦିନୀ ।୧।

ତୁମ ଅଙ୍ଗସଙ୍ଗ ସୁଖ ନପାଇ ରାଇ ବିମୁଖ
କଳା କଜଳର ଗାର ଭୂମି ପରେ ଆଙ୍କିଲାଣି ।୨।

ଅତର ଫୁଲ ଚନ୍ଦନ ବାସିହେଲା ଶ୍ୟାମଘନ
ଆସ ବେଗେ ଚିତ୍ତଚୋର ବେଳ ଉଛୁର ହେଲାଣି ।୩।

ଆମେ ଅଷ୍ଟସଖି ମିଳି ଶ୍ରୀଚରଣେ କରୁ ଅଳି
ରାଇ ଦୁଃଖ ଫେଡ ନାଥ ବେଳ ଉଛୁର ହେଲାଣି ।୪।

ଦେଖି ସେ ମଧୁ ମିଳନ ଧନ୍ୟ ହୋଇବ ଜୀବନ
ସାର୍ଥକ ହେବ ନୟନ ଶ୍ୟାମ ତୁଲେ ରାଇ ହେରି ।୫।

## ସରାଗେ ଆଜି ସଜାଅ ଶେଯ

ସରାଗେ ଆଜି ସଜାଅ ଶେଯ
ଆସିବେ ଗୋ ପୂରେ ରସିକ ରାଜ ।୦।

ସେ ରୂପ ଲାବଣ୍ୟ ହେରିବ ନେତ୍ର
କଣ୍ଠ ଭରିବ ସେ ମଧୁ ସଂଗୀତ
ଚଉଦିଗ ଅଙ୍ଗ ବାସେ ମହକିବ
ପାରିଜାତ ଗନ୍ଧ ପାଇବ ଲାଜ ।୧।

ବିତାଉଛି କେତେ ରଜନୀ ଦିନ
ମରମ କଥା କରିବି ବୟାନ
ନୟନ ସେ ରୂପ ନିରେଖିଲେ ଥରେ
ମଉଳି ଯିବ ତ ବିଷାଦ ତେଜ ।୨।

ଦୁଃଖର ବତାସ ଦେହ ଛାପା-ଦେବ
ଶୁଭ ପରଭାତ ଏ ଜୀବନ ନାବ
ସେ ପ୍ରେମ ତରଙ୍ଗେ ନାଚିବ ଖେଳିବ
ଖୋଜିବ ତାହାରି ଚରଣ ରଜ ।୩।

ନିରେଖି ନୟନେ ସେ ରୂପ ମଧୁର
ଜୀବନର ସବୁ ଦୁଃଖ ହେବ ଦୂର
ପର ଦୁଃଖେ ଦୁଃଖୀ ପର ସୁଖେ ସୁଖୀ
ହେବାକୁ ଏ ଜୀବ ହୋଇବ ସଜ ।୪।

## ମୂରଲୀ ବାଜୁଛି କେଉଁ ଦୂର ବନରେ

ମୂରଲୀ ବାଜୁଛି କେଉଁ ଦୂର ବନରେ
ମଧୁରୁ ମଧୁର ସ୍ୱର ଭାସି ଆସେରେ ।୦।

ସଂସାର ସୁଖ ଶେଯରେ ଶୋଇଥିଲି ଆନନ୍ଦରେ
ବୁଲୁଥିଲି ସପନରେ କାହିଁ କେଉଁ ମାୟା ପୁରେ
ବାଜିଲା କାନରେ ମୋର କାହା ସୁରରେ ।୧।

ସପନ ଭାଜିଲା ପରେ ଉଠି ଧାଇଁଲି ମୁଁ ଖରେ
ଯେଉଁ ସୁର ଥିଲା ଦୂରେ ଶୁଭିଲା ତା ନିକଟରେ
ବସିଲି ମୁଁ କାନ ଡେରି ଶୁଣିବା ତାରେ ।୨।

ଜାଣିଲି ସେ ସୁର କାର କିଏ ସେହି ଯାଦୁକର
କାହିଁକି ବଇଁଶି ବାଇ କାହାକୁ କରେ ଅଥିର
ଶରଣ ପଶିଲି ତାର ଛନ୍ଦା ପୟରେ ।୩।

ଏତେ ଭଲ ପାଅ ବୋଲି ଏବେ ମୁଁ ଜାଣିଲି ଖାଲି
ସଂସାର ମରୁରେ ବୁଲି ଯାଏ ମୁହିଁ ବାଟ ଭୁଲି
ପଛେ ପଛେ ଧାଇଁ ଥାଅ ମୂରଲୀ କରେ ।୪।

## କର ଗୋ କୁଞ୍ଜ ମଣ୍ଡନ

କର ଗୋ କୁଞ୍ଜ ମଣ୍ଡନ ବିଜେ ହେବେ ଆମ ପରାଣ ଧନ ଗୋ
ଦେଖି ଧନ୍ୟ ହୋଇବ ଜୀବନ, ସଜନୀ ଗୋ ।୧।

ବାନ୍ଧ ଗୋ ଫୁଲ ଚାନ୍ଦୁଆ ଜଳାଅ ଯତନେ ଚନ୍ଦ୍ରଉଦିଆ ଗୋ
ତୋଷ ହେବେ ଭାବବିନୋଦିଆ ସଜନୀ ଗୋ ।୨।

ଅଗୁରୁ ଚୁଆ ଚନ୍ଦନ କର୍ପୁର ମିଶାଇ ଆଣ ବହନ ଗୋ
ତାଙ୍କ ଅଙ୍ଗେ କରିବା ଲେପନ ସଜନୀ ଗୋ ।୩।

ସୁବାସ ସୁମନ ମାନ ସୁମାନ ସେ ତୋଳ କରି ଯତନ ଗୋ
ଅଙ୍ଗେ ଦେବା ଫୁଲ ଆଭରଣ ସଜନୀ ଗୋ ।୪।

ଆଣ ଗୋ ବରଣ ଥାଳି ବଜାଅ ଶଙ୍ଖ ଦିଅ ହୁଳହୁଳି ଗୋ
ହାତ ପାତ ହୋଇ ନିଉଛାଳି ସଜନୀ ଗୋ ।୫।

ମଙ୍ଗଳ ସଙ୍ଗୀତ ମାନ ଗାଇ ତୋଷ ତାଙ୍କ ପରାଣ ମନ ଗୋ
ଆଜି ଆସିଛି ଶୁଭ ଲଗନ ସଜନୀ ଗୋ ।୬।

ଚରଣ ପରଶି ଧିରେ ବରଣ କରିବା ହୃଦୟ ପୂରେ ଗୋ
ବାନ୍ଧି ରଖିବା ପିରତି ଡୋରେ ସଜନୀ ଗୋ ।୭।

## ଚାହାଁରେ ବାରେ ଚାହାଁରେ

ଚାହାଁରେ ବାରେ ଚାହାଁରେ
କୁଞ୍ଜେ କି ଶୋଭା ଆଜ !
ବିରାଜନ୍ତି ଗୁରୁ ବରଜରାଜ ।୦।

ହାରେ ଚନ୍ଦ୍ରହାସ ତନୁ ଠାଣିକି
ତନୁ ଠାଣି ନିଏ ମନ କିଣି କି !
ମଣି ମରକତ ମଣଇ ଲାଜ ।୧।

ପଦଯୁଗେ ନବ କମଳ କାନ୍ତି
ଦଶନ ଯେସନ ମୁକୁତା ପନ୍ତି
ଜିଣଇ ଅଧର ତରୁଣ ତେଜ ।୨।

ନୀଳ ଇନ୍ଦିବର ନିନ୍ଦେ ନୟନ
କେଶ କାନ୍ତି ଆହା କି ଶୋଭାବନ
ଉଇଁ ଆସଇ କି ନବ ନୀରଦ ।୩।

ଅଧରେ ମୁରଲୀ ଅଧୀରେ ବାଜେ
କଟି ତଟେ ଝୀନ ବସନ ସାଜେ
ମଣ୍ଡିଛନ୍ତି ସଜ-କୁସୁମ ଶେଯ ।୪।

ଜିଣି ପାରିଜାତ ଅଳସ ଗନ୍ଧ
ଅଙ୍ଗ ସୁବାସ ବହେ ମନ୍ଦ ମନ୍ଦ
ପରଶି ଯାଏ ଗୋ ପରାଣ ଆଜ ।୫।

ଏଇ ଚିତ୍ତଚୋରା ପ୍ରୀତି ପାଇଁକି
ମନ ହୁଏ ଦେବି ଜୀବନ ବିକି
ବରଜି ସକଳ ସରମ ଲାଜ ।୬।

## ବଇଁଶୀ ତୁମର ପ୍ରଭୁ ଯାହା ପାଇଁ ବାଜେ

ବଇଁଶୀ ତୁମର ପ୍ରଭୁ ଯାହା ପାଇଁ ବାଜେ
ସେ ସୁରର ଭାବ ସିନା ସେହି ଏକା ବୁଝେ ।୦।

ଗୋପୀମାନେ ଯେଉଁ ଭାବେ କରିଥିଲେ ବଶ
ମଥୁରା ନାରୀଙ୍କ ଠାରେ ଥିଲା କି ତା ଲେଶ ?
ରାଧାଭାବ ମିଳିବ କି ଚନ୍ଦ୍ରାବଳୀ କୁଞ୍ଜେ ? ।୧।

ଯଶୋଦା ମାଆଙ୍କ ଭଳି ବାତ୍ସଲ୍ୟ ମମତା
ଦେଇ ପାରିଲେ କି କହ ସେ ଦେବକୀ ମାତା
ନନ୍ଦର ଆନନ୍ଦ କେବେ ବସୁଦେବ ବୁଝେ ? ।୨।

କଦମ୍ବ ପାଦପ କି ହେ ନାହିଁ ଠାବେ ଠାବେ
କେଳି କଦମ୍ବ ସାଥୀରେ ସେ କି ଗଣା ହେବେ
ବୃନ୍ଦାବନ ଶୋଭା କାହିଁ ଆନ ବନେ ସାଜେ ? ।୩।

ଧବଳୀ ଶ୍ୟାମଳୀ ସମ ଆନ ଧେନୁ କାହିଁ ?
ତୁମ ବେଣୁ ସ୍ୱନ ଶୁଣି ଆସିବେ ଗୋଡାଇ
ଗୋପର ସର ଲବଣୀ ମନ ତୁମ ଖୋଜେ ।୪।

ଅପୂର୍ବ ତୁମର ଲୀଳା ହେ ଜଗତପତି !
ସେ ଏକା ବୁଝିବ ଯା'ରେ ଦେଇଛ ଶକତି
ଯାହା ପାଇଁକି ମୋହନ ବେଣୁ ତୁମ ବାଜେ ।୫।

## ମଧୁର ମଧୁର ବଂଶୀ ବାଜେ

ମଧୁର ମଧୁର ବଂଶୀ ବାଜେ ଏଇ ସେଇ ବୃନ୍ଦାବନ
ଏଇତ ସେଇ ବରଜବିଧୁ ଏଇ ସେଇ ଘନଶ୍ୟାମ ।୦।

ଏଇତ ସେଇ ଯମୁନା କୂଳ ଏଇ ସେଇ କୁଞ୍ଜବନ
ଏଇତ ସେଇ ଶିଖିଚୂଳିଆ ରାଧିକାର ପ୍ରାଣଧନ
ଏଇତ ସେଇ ରାସ ରସିକ ଏଇ ସେଇ ଘନଶ୍ୟାମ ।୧।

ଏଇ ଶୁଭୁଛି ବଂଶୀ ସ୍ୱନ ରାଧା ରାଧା ନାମ
ଯମୁନା କୂଳ ଉଛୁଳି ଉଠେ ଶୁଣି ସେଇ ମଧୁ ତାନ
କଳାକାହ୍ନୁର ନୂପୁର ଧ୍ୱନି ଶୁଭୁଅଛି ଅବିରାମ ।୨।

କେଳି କଦମ୍ବ ମୂଳରେ ଦେଖ ସେ ମନମୋହନ
ଅଧରେ ଶୋଭେ ମୋହନ ବଂଶୀ କରଇ ଉଚ୍ଚାଟନ
ତ୍ରିଭଙ୍ଗଠାଣୀରେ ଉଭା ଆଜି ଭକ୍ତ ପ୍ରାଣ ଧନ
ଗୋପୀମାନେ କରୁଛନ୍ତି ତାଙ୍କ ଗୁଣ ଗାନ ।୩।

## ସେ ନାମେ କି ଯାଦୁ ଅଛି

ସେ ନାମେ କି ଯାଦୁ ଅଛି କହ କହ ରେ ସଖୀ
ଶୁଣି ପଲକ ପାଶୋରି ବସିଲା ଆଖି
ସେ ନାମେ କି ଯାଦୁ ଅଛି କହ କହ ରେ ସଖୀ ।୦।

ଅଦିନ ବରଷା ସରି ଝରିଲା ନୟନବାରି
ତନୁ ବଲ୍ଲରୀ ସହସା ଉଠିଲା କଂପି ।୧।

ନ ଚଳିଲା ସଖୀ ପାଦ ଏତେବଡ ପରମାଦ
ପୁଣି ଶୁଣିବାକୁ କାନ ରହିଲା ଟାକି ।୨।

ପୁଲକ ଆଗେ ସେ ମନ କାହିଁ ହୋଇଲା ମଗନ
ଜାଣି ନପାରିଲି ଚେତା ନାହିଁ ଅଛିକି ।୩।

ଆଜନମ କେତେ ନାମ ଶୁଣି ନଥିଲା ଏ କାନ
ଏସନ ରୀତିକା ନାମେ ନଥିଲି ଚାଖି ।୪।

ଅପୂର୍ବ ସେ ନାମ ରସ ଯେ ଜାଣେ ସେ ହୁଏ ବଶ
ଲଭେ ମୁକତି ପରଶ ଜନମ ଦୁଃଖୀ ।୫।

ସଜନୀ  କହୁଛି ଶୁଣ ନାମ ରୂପ କୋଟିଗୁଣ
ବିକି ହୋଇଯିବୁ ଥରେ ପଡିଲେ ଆଖି ।୬।

## ବିଦାୟ ବେଳାରେ

ବିଦାୟ ବେଳାରେ ଆଜି ପିୟ ପଦ ତଳେ
ବେଦନା ବିଧୁର ପ୍ରାଣେ ପ୍ରଣତି ମୋ ଢାଳେ ।୧।

ପୀରତି ପରଶ ପାଇଥିଲି ଏତେ କ୍ଷଣ
ପାଶୋରି ଥିଲି ମନରୁ ତ୍ରିତାପ ଦହନ ।୨।

ଏ ପ୍ରେମ ମିଳନ ପିଠ ଛାଡି ଯିବାପାଇଁ
ସଂସାର ଡାକଇ ଏବେ ତୁହାଇ ତୁହାଇ ।୩।

ଏତେ ପ୍ରେମ ଏତେ ସୁଖ ଛାଡି ମୁଁ କିପରି
ବିଷୟ ସଂସାରେ ଯିବି ତୁମ ସ୍ମୃତି ଧରି ।୪।

ଯେବେ ଯିବି ସେ ସଂସାରେ କରେ ପଦେ ଅଳି
ଲାଖି ରହୁ ମୋ ଆଖିରେ ତୁମ ରୂପ ଶିରୀ ।୫।

ତୁମକୁ ମୂଳରେ ରଖି କରମ କରିବି
ତୁମରି ସଂସାରେ ରହି ସଂସାର କରିବି ।୬।

ଦୁନିଆର ଝଞ୍ଜା ଯେବେ ଆସିବ ଘନାଇ
ନ ଛାଡିବି ତୁମ ପାଦ ଜୟଗୁରୁ ଗାଇ ।୭।

ବିଷୟ ବିଷକୁ ଯେବେ ଏ ମନ ଧାଇଁବ
ତୁମେ ଦେଖୁଅଛ ବୋଲି ପରାଣ ବାରିବ ।୮।

ତୁମ ପାଶେ ଆସିବାକୁ ଗଣୁଥିବି ଦିନ
ତୁମ ଡାକରାକୁ ସଜ ହୋଇଥିବ ମନ ।୯।

ସକଳ ତ୍ରୁଟି ମୋହର କରି ମାରଜନ
ଦୀନନାଥ ତୁମ ପ୍ରେମେ କର ନିମଗନ ।୧୦।